# ବଜ୍ର ମହାକାଳୀ ବ୍ରତ
# ଓ
# ଫୁଲେରୀ ଓଷା କଥା

Scanned under
Project Pothi

ପୋଥି

# ବଜ୍ର ମହାକାଳୀ ବ୍ରତ

# ଓ

# ଫୁଲେରୀ ଓଷା କଥା

ଏକ ରାଜ୍ୟ ଅନ୍ତରେ ସାଧବ ଘର ଥିଲା । ତାହାର ଅନେକ ସମ୍ପତ୍ତି । ସାଧବାଣୀ ସାତପୁଅ ସାତବୋହୂ ଘେନି ଘର କରୁଥାଏ । କେତେ ଦିନ ଉତ୍ତାରୁ ଆଶ୍ୱିନ ମାସ ଅମାବାସ୍ୟା ହେଲା । ସାଧବାଣୀ ବୋହୂମାନଙ୍କୁ କହିଲା ଆଜି ଆର୍ଦ୍ରା ଅମାବାସ୍ୟା, ବଜ୍ରମହାକାଳୀଙ୍କ ପୂଜା । ଘରଦ୍ୱାର ଲିପାପୋଛା କରି ଝୋଟି ଦିଅ । ଏହା ଶୁଣି

ବୋହୂମାନେ କପାଯୋଗୁ କଲେ, ଝୋଟି ଦେଲେ, ଚୂଉଳ ବର ବତୁରାଇଲେ, ଦୂବ ସାତଗୋଟି କଲେ, ହଳଦୀ ସାତଗୋଟି କଲେ, ଅରୁଆ ଚୂଉଳ ସାତଗୋଟି କଲେ; ସୁବର୍ଣ୍ଣର ପୁସ୍ତା ଗଢ଼ାଇ ଆଣିଲେ । ସାନ ବୋହୂକୁ ଶାଶୁ କହିଲା, ଚୂଉଳ ଗୁଣିକରି ରଖ ତୂନା କୁଟା ହେବ । ଏହାଶୁଣି ସାନବୋହୂ ଚୂଉଳ ଆଣିବାକୁ ଗଲା । ଗୁଣ୍ଡି ଗୁଣ୍ଡି ଦୁଇଗୋଟି ଚୂଉଳ ତୁଣ୍ଡରେ ପକାଇ ଦେଲା, କାହାରିକୁ ଜଣାନାହିଁ । ସେ ସମୟରେ ବଜ୍ର ମହାକାଳୀ ଦେବୀ ବାହାର ହୋଇ ତାହାର ହାତ ଧରି ପକାଇଲେ । କିଲେ ଚଣ୍ଡାଳୁଣୀ ମୋ ଅମୁଣିଆ ଅଇଁଠା କଲୁ, ତୋ ଶାଶୁକୁ କହିବି । ସାଧବ ଘର ବୋହୂ କହିଲା ମାଗୋ ମୁଁ ନଜାଣି ଦୋଷ କଲି । ମୋର ଅପରାଧ କ୍ଷମାକର । ମୋତେ ଯାହା ଆଜ୍ଞା କରିବ ତାହା ମୁଁ ଆପଣଙ୍କୁ ଦେବି । ମୋ ଶାଶୁ ଆଗରେ କହିବ ନାହିଁ । ଏହାଶୁଣି ବଜ୍ରମହାକାଳୀ କହିଲେ ତୁ ସତ୍ୟକର । ସାଧବ ବୋହୂ ସତ୍ୟକଲା । ତୋର ଯେତେ ପୁଅ ହେବ ମୋତେ ଦେବୁ । ସାଧବଘର ବୋହୂ ସ୍ୱୀକାର କଲା ।

ଏହାଶୁଣି ବକ୍ରମହାକାଳୀ ଅନ୍ତର୍ଦ୍ଧାନ ହୋଇଲେ । ତହୁଁ ସାଧବଘର ସାନବୋହୂ ଝୁଉଲ ନେଇ କୁଟାଇଲେ । ଆରନ୍ଧା ହାଣ୍ଡି ବସାଇଲେ, ଆରନ୍ଧା ସିଝିଲା ନାହିଁ । କଥା ରହିଲ । ସାନବୋହୂ ଠାକୁରାଣୀଙ୍କୁ ସ୍ମରଣା କଲ । ଠାକୁରାଣୀ କହିଲେ କହେତୁ ସ୍ମରଣା କଲୁ, ଆରନ୍ଧା ହାଣ୍ଡି ସିଝିଲ ନାହିଁ । ଠାକୁରାଣୀଙ୍କ ଦୟା ବସିଲ । ଆରନ୍ଧା ହାଣ୍ଡି ସିଝିଲା । ଠାକୁରାଣୀ ଅନ୍ତର୍ଦ୍ଧାନ ହୋଇଗଲେ । ସାନବୋହୂ ଦେଖିଲ ବେଳକୁ ଆଉ କେହି ନାହାନ୍ତି । ଆରନ୍ଧା ହାଣ୍ଡି ଯାଇ ଦେଖିଲବେଳକୁ ଆରନ୍ଧା ସିଝି ଶୀତଳ ହୋଇଛି । ଏହା ଦେଖି ଆନନ୍ଦିତ ହେଲ । ଶାଶୁ କହିଲେ ଆଲେ ସମସ୍ତ ହେଲଣିପର ଆଣ, ପୁରୋହିତ ଆସିଲେଣି ପୂଜା ପୂଜିବା । ପୁରୋହିତ କଥା କହି ବସିଲେ । ସାଧବାଣୀ ଓଷା ପୂଜି ବସିଲେ । ଇନ୍ଦ୍ର ଗୋବିନ୍ଦ ଚାନ୍ଦୁଆ ବାନ୍ଧିଲେ । ମାଣିକ୍ୟର ଦୀପ ଜାଳିଲେ । ପାଟକେ ପାହାଡ଼ା ପାରିଲେ । ହଳଦୀ ମାଲପା ଲଗାଇ ଶିଳପାକୁ ବସାଇଲେ । ପଞ୍ଚୁଶିଳ ମୃତରେ ସ୍ନାନ କରାଇଲେ । ହଳଦିଆ ପାଟ ପିନ୍ଧାଇଲେ । ଫୁଲ ଚନ୍ଦନ

ଦେଲେ, କଳା ସିନ୍ଦୂର ଦେଲେ, ଧୂପଦୀପ ଦେଇ ପୂଜା କଲେ । ବଜ୍ର ମହାକାଳୀଙ୍କ ସ୍ଥାପନ କଲେ । ଧାନ ଗଛ, ବେଲଗଛ, ବଜ୍ର ମୂଳ ଗଛ, ଆଖୁଗଛ, ଅଁଳାଡ଼ାଳ ଓ ବେଲଡ଼ାଳ ବାଢ଼ିଲେ । କଦଳୀ, ନଡ଼ିଆ, ବାଢ଼ିଲେ, ବଜ୍ରମହାକାଳୀଙ୍କୁ ସୁବର୍ଣ୍ଣର ପୁସ୍ତା ଲଗାଇଲେ । କଖାରୁ ପଞ୍ଚ ସାତଗୋଟି ପକାଇ ଆରଦ୍ରା ବାଢ଼ିଲେ । ନଃସଙ୍ଗୁଡ଼ି ଶଙ୍ଖୁଡ଼ି ବାଢ଼ିଲେ । ସାତ ଶାଗର ତୁଣ ବାଢ଼ିଲେ । ଠାକୁରାଣୀଙ୍କୁ ନୈବେଦ୍ୟ କଲେ । କଥା ଶୁଣିଲେ । କଖାରୁ ପଞ୍ଚ ସାତଗୋଟି ପକାଇ ପାଣିକଖାରୁ ସାତଗୋଟି ଗଡ଼ାଇଲେ । ପୁଅଟିଅ, ନାତନାତୁଣୀ ଗଡ଼ାଇଲେ । କଥା ଶୁଣିଲେ, ପୁରୋହିତଙ୍କୁ ଦକ୍ଷିଣା ଦେଇ ବିଦାୟ କଲେ । ସେହି ପ୍ରସାଦକୁ ସମସ୍ତେ ବାଣ୍ଟି ଖାଇଲେ । ସାହିପଡ଼ିଶାକୁ ଦେଲେ । ଏଥିଉତ୍ତାରୁ କେତେଦିନ ଗଲାପରେ ସାନବୋହୂ ଗର୍ଭବାସ ହେଲା । ଦେଖୁ ଦେଖୁ ଦଶମାସ ହେଲା । ପେଟ ବଥାଇଲା । ଶାଶୁକୁ କହିଲା ମୋର ପେଟ ବଥାଉଛି । ଶାଶୁ ଧାଇଁ ପରିବାର ଲଗାଇଲା । ପୁଅ ଜନ୍ମ ହେଲା । ନାଭି

କାଟି ଚନ୍ଦନ କାଠିରେ ଅନ୍ତୁଡ଼ି କଲେ । ଧାଈ ଲଗାଇଲେ, ତିନିଦିନ ଗଲା ଚଉଦିନ ଧୂଧ ଭରଣୀ କଲେ । ପାଞ୍ଚଦିନେ ପଞ୍ଚୁଆଠ କଲେ । ଛଅଦିନେ ଷଷ୍ଠୀ ପୂଜା କଲେ । ସେହିଦିନ ସନ୍ଧ୍ୟାବେଳକୁ ଠାକୁରାଣୀ ଆସି ପ୍ରବେଶ ହେଲେ । ପୁଅଟି ମାଗି କହିଲେ କଲେ ତୁ ପୂର୍ବରେ ସତ୍ୟ କରିଥିଲୁ ପାଶୋର ଗଲୁକି ? ତାହା ଶୁଣି ସାଧବଘର ବୋହୂ ମନେକଲା, ମୁଁ ସତ୍ୟ କରିଛି ନଦେଲେ ସତ୍ୟଭଙ୍ଗ ହେବ । ପୁଅଟିକୁ ମହାକାଳୀ ହସ୍ତକୁ ବଢ଼ାଇ ଦେଲା । ଠାକୁରାଣୀ ହସ୍ତପ୍ରସାରି ପୁଅକୁ ଘେନିଗଲେ । ଏଣେ ଶାଶୁ ଯାଇ ଦେଖିଲା ପୁଅ ନାହିଁ । ବୋହୂକୁ ପଚାରିଲା ପୁଅକାହିଁ, ସାଧବବୋହୂ କହିଲା ମୁଁ ଶୋଇଥିଲି କେ ଘେନିଗଲା ଜାଣି ନାହିଁ । ଘର ଗମ୍ଭୀରି, ବାରି ସାହି ପଡ଼ିଶା ଖୋଜିଲେ କେଉଁ ସ୍ଥାନରେ ନାହିଁ । ଶାଶୁ ଠେଣାଏ ମାରିଲା । ବୋହୂ କାନ୍ଦିକରି ତୁନିହୋଇ ରହିଲା । ଏହିପରି ବର୍ଷକୁ ବର୍ଷ ସାଧବଘର ସାନବୋହୂ ଛ' ପୁଅ ଜନ୍ମକଲା । ଠାକୁରାଣୀଙ୍କି ବଢ଼ାଇ ଦେଇ ତୁନିହୋଇ ରହୁଥାଏ । ଏଥି ଉତ୍ତାରୁ ସପ୍ତମ ଗର୍ଭ

ହେଲା, ଦଶମାସ ଦଶଦିନ ସମ୍ପୂର୍ଣ୍ଣ ହେଲା । ପେଟ ବିଥାଇଲା, ସେଦିନ ଆଶ୍ୱିନ ମାସ ପୋଲସି ଅମାବାସ୍ୟା ହୋଇଛି । ସାଧବଘର ସାନବୋହୂ ଶାଶୁକୁ କହିଲା, ମୋହର ପେଟ ବ୍ୟଥା କରୁଛି । ଶାଶୁ କହିଲା ଆଲୋ ପିଲାଖାଇ ଡାହାଣୀ ମୋ ଘରୁ ବାହାରଯା । ମୁଁ ଠାକୁରାଣୀ ପୂଜାକରି ବସିଛି । ମୋ ଅମୁଣିଆ ଅପ୍ରତିଷ୍ଠା ହେବ । ଏହା କହି ଶାଶୁ ଘରୁ ବାହାର କରିଦେଲା । ମେଘ ଅନ୍ଧାର ହୋଇଛି, ପାଣି ବରଷୁଅଛି । କୁଆଡ଼େ ଯିବ ବୋଲୁଅଛି । କାନ୍ଦି କାନ୍ଦି ବନସ୍ତକୁ ଗଲା । ବନ୍ତ ମହାକାଳୀଙ୍କ ଦୟା ହେଲା । ବୁଢ଼ୀ ରୂପରେ ଠିଆ ହୋଇ ପଚାରିଲେ, କିଏ ସେ ତୁ ଏତେ ରାତିରେ କୁଆଡ଼େ ଯାଉଛୁ । ମେଘ ବରଷୁଅଛି ଏହା ଶୁଣି ସାଧବଘର ବୋହୂ କହିଲା, ମୁଁ କହିଲେ କିଏ ସେ ମୋର ଦୁଃଖ ଫେଡ଼ିବ ଯେ ତେବେ କହିବି । ବନ୍ତ ମହାକାଳୀ ବୋଇଲେ ଆଚ୍ଛା ଫେଡ଼ିବି କହ । ସାଧବବୋହୂ କହିଲା, ମୁଁ ସାଧବଘର ସାନବୋହୂ, ମୋ ଶାଶୁ ପୋଲସି ଅମାବାସ୍ୟା କରୁଥାଏ । ଆରତ୍ରା କରିବାକୁ ବୁଝିଲା ଦେଲେ

ଚାଉଳ ବଢ଼ୁଥାଇଲା । ଗୁଣ୍ଡି ଗୁଣ୍ଡି ଦୁଇଗୋଟି ଚାଉଳ ଭୁଣ୍ଡରେ ପକାଇଲା । ଠାକୁରାଣୀ କୋପକରି ମୋ ହାତ ଧରି ପକାଇଲେ । କଲେ କେତେ ଅକର୍ମ କଲୁ । ମୋ ଅମୁଣିଆ ଅଇଁଠା କଲୁ । ତୋର ଶାଶୁକୁ କହିବି । ମୁଁ କହିଲି ତୁମ୍ଭେ ଯାହା ମାଗିବ ତାହା ଦେବି, ମୋ ଶାଶୁକୁ କହନା । ଏହା ଶୁଣି ଠାକୁରାଣୀ କହିଲେ ତୁ ସତ୍ୟକର । ମୁଁ ସତ୍ୟ କଲି । ସେ କହିଲେ, ତୋର ଯେବେ ଗର୍ଭ ହେବ ମୋତେ ଦେବୁ, ମୁଁ କହିଲି ଦେବି । ଏରୂପେ ଛଅପୁଅକୁ ଠାକୁରାଣୀଙ୍କୁ ବଢ଼ାଇ ଦେଲି । ଏବେ ସାତଗର୍ଭ ବେଳକୁ ଶାଶୁ ଘରୁ ଘଉଡ଼ି ଦେଲେ । କୁଆଡ଼େ ଯିବି ବୋଲି କାନ୍ଦୁଅଛି । ତୁମ୍ଭେ ପଚାରିବାରୁ କହିଲି । ଏହାଶୁଣି ଠାକୁରାଣୀ କହିଲେ ତୁ ମୋତେ ଅଇଁଠା ଦେବାରୁ ମୁଁ ତୋତେ ଏତେ କଷ୍ଟ ଦେଲି । ଆସ ଆମ୍ଭ ଘରକୁ ଯିବା । ଠାକୁରାଣୀ ସାଧବ ବୋହୂକୁ ଘରକୁ ନେଲେ । ଧାଈ ପୋଇଲି ଲଗାଇଲେ, ପୁତ୍ରଜନ୍ମ ହେଲା । ନାଭି କାଟିଲେ, ଅନୁଡ଼ି ବଛାଇ ଚନ୍ଦନ କାଠରେ ଅନୁଡ଼ି କଲେ, ପୁଅକୁ ସ୍ନାନ କରାଇଲେ । ପାଟରେ ଶେଯ କଲେ, ପାଞ୍ଚଦିନ

ପଞ୍ଚୁଆଠ, ଛଅଦିନ ଷଷ୍ଠୀ ଘରେ କଲେ, ଆଠୁଆଶ କଲେ, ବାରଦିନ ବାରପଣ କଲେ, ଏକୋଇଶି ଦିନ ହାତଗୋଡ଼େ ଖଡ଼ୁ ଲଗାଇଲେ, ହଶଡ଼ା ମାଳି ଲଗାଇଲେ, ନାମକରଣ କଲେ । ବାକି ଛଅପୁଅଙ୍କୁ ସମର୍ପି ଦେଲେ । ସୁନା ଅଲଙ୍କାରରେ ପରିପୂର୍ଣ୍ଣ ହୋଇଛନ୍ତି । ମା ଦେଖି ଆନନ୍ଦ ହେଲ । ଠାକୁରାଣୀ କହିଲେ ଆଲୋ ସାଧବ ବୋହୂ । ତୋ ପୁଅକୁ ନେଲୁ ଆଉ ଗିରସ୍ତ ଘରନା ଏକଠାବ କରାଇଦେବ । ମା ପିଲାମାନଙ୍କୁ ପାଠପଢନା ଦେଲେ । ପାଲିଙ୍କରେ ବସାଇଲେ । ସାଧବ ଘରକୁ ଯାଉଛନ୍ତି, ବାଟହାଟରେ ଲୋକେ ପଚାରିଲେ କିଏ ସେ ଆସୁଛି । ସାଧବଘର ସାନବୋହୂ ଆସୁଅଛି । ଗ୍ରାମ ଲୋକେ ଧାଇଁଯାଇ ସାଧବାଣୀକି କହିଲେ ତୁମ୍ଭର ସାନବୋହୂ ସାତପୁଅ ଧରି ଆସୁଅଛି । ଶାଶୁ ଆସି ଦାଣ୍ଡଦୁଆରେ ଦେଖିଲ ନାତିମାନେ ଆସୁଛନ୍ତି । ପିଲାମାନଙ୍କୁ କୁଣ୍ଡାଇ କାଖେଧରି ଘେନଗଲ । ବୋହୂକୁ ଘରକୁ ନେଲ ।

ସାଧବାଣୀ ବୋହୂକୁ ପଚାରିଲ, ଏ ପିଲାମାନଙ୍କୁ କେଉଁଠୁ ପାଇଲୁ ? ତହୁଁ ସାଧବ ବୋହୂ କହିଲ, ତୁମ୍ଭେ ଯେଉଁ

ପୋଲରେ ଓଷା କରୁଥିଲି ମୁଁ ନଜାଣି ଚାଉଳ ଦୁଇଗୋଟି ତୁଣ୍ଡରେ ପକାଇଦେଲି । ବଜ୍ର ମହାକାଳୀ ମୋ ହାତଧରି ପକାଇଲେ । ବୋଇଲେ ତୋ ଶାଶୁକୁ କହିବି, ଅମୁଣିଆ ଅଇଁଠା କଲୁ । ମୁଁ କହିଲି ତୁମ୍ଭେ ଯାହା ମାଗିବ ତାହା ଦେବି, ମୋ ଶାଶୁକୁ କୁହନା । ବଜ୍ର ମହାକାଳୀ ବୋଇଲେ ତୁ ସତ୍ୟକର ମୁଁ ସତ୍ୟକଲି । ଠାକୁରାଣୀ କହିଲେ ତୋର ଯେତେ ଗର୍ଭ ହେବ ମୋତେ ଦେବୁ, ମୁଁ କହିଲି ଦେବି । ଏଥି ଉତ୍ତାରୁ ଗର୍ଭ ହେଲା. ପୁତ୍ର ଜନ୍ମ ହେଲା । ହସ୍ତପ୍ରସାରି ଆସି ଘେନଗଲେ । ଏରୂପରେ ଛ' ପୁଅଙ୍କୁ ଘେନଗଲେ । ସାତଗର୍ଭ ବେଳକୁ ତୁମ୍ଭେ ଘରୁ ବାହାର କରିଦେଲ । ମୁଁ କାନ୍ଦି କାନ୍ଦି ଯାଉଥିଲି । ବଜ୍ରମହାକାଳୀଙ୍କ ହୃଦୟରେ ଦୟା ବସିଲା, ତାଙ୍କ ଗୃହକୁ ଘେନଗଲେ, ଦିବ୍ୟପୁରରେ ରଖିଲେ ପୁତ୍ର ଜନ୍ମହେଲା । ଧାଈ ପରିବାର ଲଗାଇଲେ, ଏକୋଇଶି ପୁତ୍ର ହେଲା ଉତ୍ତାରୁ ମୋତେ କହିଲେ, ତୁମ୍ଭ ଘରକୁ ତୁମ୍ଭେ ଯାଅ । ଗୃହସ୍ଥ ଭାରିଯା ଏକଠାବେ ରହ । ଏହା କହି ପୁତ୍ର-ମାନଙ୍କୁ ସମର୍ପି ଦେଲେ । ସୁନା ଅଲଙ୍କାର ପାଟପତନି

ଦେଲେ । ମୋତେ କହିଲେ ତୋର ସତ୍ୟ ଜାଣିବାପାଇଁ ଏପରି କଲି । ମୋତେ କହିଲେ ତୁ ପୋଲର ଅମାବାସ୍ୟା ବଜ୍ର ମହାକାଳୀ ଓଷା କରୁଥିବୁ । ସେହିଦିନଠାରୁ ସାଧବଙ୍କ ଘରଠାରେ ଓଷା ବିଖ୍ୟାତ ହେଲା । ସାଧବଘର ନାତି ନାତୁଣୀ ବହୁତ ହୋଇଲେ । ଇନ୍ଦ୍ର ସମ୍ପତ୍ତି ଭୋଗ କଲେ । ସେହିଦିନଠାରୁ ବଜ୍ର ମହାକାଳୀ ପୁଲେର ଓଷା ସଂସାରେ ବିଖ୍ୟାତ ହେଲା । ଏହି ଓଷା କଲେ ଅପୁତ୍ରିକ. ପୁତ୍ର ପ୍ରାପ୍ତ ହେବ । ନିର୍ଦ୍ଧନୀ ଧନପ୍ରାପ୍ତ ହେବ । ଯେ ଯାହା ମାନସିକ ବାଧିମତେ ଓଷା କଲେ ତାହାଙ୍କୁ ବଜ୍ର ମହାକାଳୀ ଦୟାକରି ସକଳ ପ୍ରାପ୍ତ କରନ୍ତି ।

ଇତିଶ୍ରୀ ବଜ୍ର ମହାକାଳୀ ଫୁଲେର ଓଷା ବ୍ରତ କଥା
ସଦାଜ୍ଞାନ୍ୟ ସମ୍ପୂର୍ଣ୍ଣ ।